# Akashvani, Sambalpur

## SAMBALPURI NEWS BULLETIN

### 25 May 2025- 6.47- 6.52 am.

*********************************************

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ- ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ଗସ୍ତଥି ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ । ଓଡ଼ିଶାର୍ ବିକାଶ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ଆଲୋଚନା କର୍‌ବାର୍ ସହେତେ ତାଙ୍କର୍ ସର୍‌କାର୍‌ଙ୍କର୍ ବଛର୍‌କର୍ ଉପଲବ୍ଧି ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କୁ ଜନେଇଥିବାର୍ ସୂଚ୍‌ନା ମିଲିଛେ ।

ସେଆଡ଼େ ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ନୀତି ଆୟୋଗ୍‌ର ପରିଚାଲନା ପରିଷଦ୍ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ବିକଶିତ୍ ଓଡ଼ିଶା -୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ଭିଜନ୍ ଡକ୍ୟୁମେଂଟ୍ ଉପସ୍ଥାପନ୍ କରିଛନ୍ । ୨୦୩୬ ମସିହାତକ୍ ଓଡ଼ିଶାର୍ ଅର୍ଥନୀତି ୫ ଶହ ବିଲିୟନ୍ ଆର୍ ୨୦୪୭ ତକ୍ ୧ ଦଶ୍‌ମିକ୍ ୫ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ହେବା ବଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ ।

ରାଜ୍ୟପାଲ୍ I&PR

ବ୍ୟକ୍ତି ସମାଜ୍ ଆଉ ସାମଗ୍ରିକ୍ ଭାବେ ଜାତିକେ ପରିବର୍ତ୍ତନ୍ କର୍‌ବାର୍‌ଥି ଶିକ୍ଷା ହେଉଛେ ଶକ୍ତି ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି

କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ପୁର୍‌ଥି ଇହାଦେ ଖୋବ୍ ଜୋର୍‌ରେ ପରିବର୍ତ୍ତନ୍ ଆଡ଼େ ଗତି କରୁଛେ । ଇ ସମିଆଥି ବିଗ୍ ଡାଟା, ମେସିନ୍ ଲର୍ଣ୍ଣିଂ, କୃତ୍ରିମ ବୁଦ୍ଧିମତା, ରୋବୋଟିକ୍ ବିଜ୍ଞାନ୍ ବାଗିର୍ ଆବିର୍ଭାବ୍ ସହେତେ ପୁର୍‌ଥିର୍ ବୁଝାମଣାଥି ଗୁଟେ ବଡ଼ ପରିବର୍ତ୍ତନ୍ ଆସିଛେ ବଲି ରାଜ୍ୟପାଲ୍ କହିଛନ୍ ।

କୋଭିଡ୍ ସମୀକ୍ଷା ବୈଠକ ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ଭିନ୍ ଭିନ୍ ଜାଗା ନ କରୋନା ଆକ୍ରାନ୍ତଙ୍କର୍ ସଂଖ୍ୟା ବଢ଼୍‌ବାର୍‌କେ ଲାଗିଛେ । ଇତାକେ ନଜର୍‌ଥି ରଖିକରି ଆଏବା ୨୮ ତାରିଖ୍ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କର୍ ଅଧକ୍ଷତାଥି କୋଭିଡ୍ ସମୀକ୍ଷା ବୈଠକ୍ ହେବା ବଲି ଜନାପଡ଼ିଛେ । ବୈଠକ୍‌ଥି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ସବୁ ରାଜ୍ୟ ମାନ୍‌କର୍ ସାଙ୍ଗେ କରୋନା ସଂକ୍ରମଣ୍‌ର ଥିତି ଆଉ ମୁକାବିଲା ବାବ୍‌ଦେ ଆଲୋଚନା କର୍‌ବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଆଏବା କାଏଲ୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା

ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଦକ୍ଷିଣ ପୂର୍ବ ଏସିଆ ସମ୍ମିଳନୀ I&PR

ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍, ଉତ୍କଳ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡ଼ିଆ ଷ୍ଟଡ଼ିଜ୍ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ମିଲିତ୍ ଭାବେ ଭୁବ୍‌ନେଶ୍ୱର୍ ଠାନେ ଗଲାକାଏଲ୍ 'କଳିଙ୍ଗ ଓ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ରର ସଭ୍ୟତା ଗତ ସଂଯୋଗ' ଶୀର୍ଷକ ସମ୍ମିଳନୀ ହେଇଯାଇଛେ । ଗଲାକାଏଲ୍ ସମ୍ମିଳନୀର୍ ପହେଲା ଦିନେ କଳିଙ୍ଗ ଆଉ ଦକ୍ଷିଣପୂର୍ବ ଏସିଆ ରାଷ୍ଟ୍ର ଭିତ୍‌ରେ ଥିବା ଐତିହାସିକ୍ ଆଉ ସାଂସ୍କୃତି ସଂଯୋଗ୍ ଆର୍ ବିଶ୍ୱ ରାଜନୀତିଥି ଓଡ଼ିଶାର୍ ଭୂମିକାକେ ନେଇକରି ୨ ଟା ଖାସ୍ ଅଧିବେଶନ୍ ଆୟୋଜନ୍ କରାଯାଇଥିଲା ।

ଆମ୍ ପସ୍‌ରା- ଶିକ୍ଷାମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଲ୍ଲା ପ୍ରଶାସନ୍ ଆଉ ଓର୍‌ମାସ୍ ତର୍‌ଫୁ ଆୟୋଜିତ୍ ହେଇଥିବା ଆମ୍ବ ପସରା ପ୍ରଦର୍ଶନୀ ଆଉ ରପ୍ତାନୀ ଗାଡ଼ିକେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ

ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କରିଛନ୍ । ଗଲାକାଏଲ୍ ସମ୍ବଲ୍‌ପୁର୍ ଜେଲ୍‌ଛକ୍ ନ ହେଇଥିବା ଇ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବାର୍ ଅବ୍‌ସରେ ଶ୍ରୀ ପ୍ରଧାନ୍ କହିଛନ୍, ସମ୍ବଲ୍‌ପୁରେ ଉତ୍ପାଦିତ ହେଉଥିବା ଭିନ୍ ଭିନ୍ କିସମ୍‌ର ଆମ୍ ଓଡ଼ିଶା ସର୍‌କାର୍‌ଙ୍କର୍ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍‌ର ସହଯୋଗ୍‌ଥି ଭିନ୍ ଭିନ୍ ଦେଶ୍‌କେ ରପ୍ତାନୀ ହେଉଛେ । ଆମ୍ ସହେତେ ସମ୍ବଲ୍‌ପୁରର୍ ଧାନ୍, ମିର୍ଚା, ଫଲ୍, ଗୁରସ୍, ପଶୁପାଲନ୍ ବାଗିର୍ କ୍ଷେତ୍ରକେ ତହଁକାବାର୍ ଲାଗି ଜିଲ୍ଲା ପ୍ରଶାସନ୍ ବହୁତ୍‌ଟେ ଯୋଜ୍‌ନା କରିଛେ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଯୁକ୍ତ ଦୁଇଥି ନାଁଲେଖା I&PR

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଯୁକ୍ତ ଦୁଇଥି ନାଁଲେଖା ଲାଗି ଆବେଦନ୍ ମୁଲ୍ ହେଇଛେ । ସାମ୍ସ ପୋର୍ଟାଲ୍ ଜରିଏ ଛାତ୍ରଛାତ୍ରୀମାନେ ଆବେଦନ୍ କରୁଛନ୍ । ପହେଲା ଦିନେ ୧୭ ହଜାର୍ ୩ ଶହ ଝନ୍ ଛାତ୍ରଛାତ୍ରୀ ନାଁ ଲେଖା ଲାଗି ପଞ୍ଜିକରଣ୍ କରିଛନ୍ । ଆବେଦନ୍ ପ୍ରକ୍ରିୟା ଆଏବା ଜୁନ୍ ୩୦ ତାରିଖ୍‌ତକ୍ ଚାଲ୍‌ବା ବଲି ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଇପିଏଫ୍ ସୁଧ                ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି - ଇପିଏଫ୍ ଜମାରାଶି ଉପ୍‌ରେ ୮ ଦଶ୍‌ମିକ୍ ୨/୫ ପ୍ରତିଶତ୍ ସୁଧ ମିଲ୍‌ବା । ଅର୍ଥମନ୍ତ୍ରଣାଲୟ ତର୍‌ଫୁ ଇ ବାବଦ୍ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ ।

ଚାଷ୍ ସମ୍ବନ୍ଧୀୟ ସମୀକ୍ଷା ବୈଠକ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ନ ଚାଷ୍ ସମ୍ବନ୍ଧୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା କୃଷି ଅଧିକାରୀ ଆଉ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇଥିଲେ । ରାଜ୍ୟ ଆଉ କେନ୍ଦ୍ର ସର୍‌କାର୍ ଚାଷୀମାନ୍‌କର୍ ଉନ୍ନତି ଲାଗି ଯେନ୍ ସବୁ କଲ୍ୟାଣ୍‌କାରୀ ଯୋଜ୍‌ନା ମାନ୍ ଲାଗୁ କରାହେଇଛେ, ସେସବୁକେ ଜିଲ୍ଲା ନ ଠିକ୍ ଭାବେ କାର୍ଯ୍ୟକାରୀ କରାବାର୍‌କେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ପାଣିପାଗ              ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗଲାକାଏଲ୍ ସଖାଲ୍‌ବେଲା କେରଳ ନ ପୁହୁଁଚିଛେ । ସ୍ୱାଭାବିକ୍ ସମିଆର୍ ୮ ଦିନ୍ ଆଘୋନୁ ମୌସୁମୀ କେରଳ ପୁହୁଁଚିଛେ । ଗଲା ୧୬ ବଛର୍ ଭିତ୍‌ରେ ଇ ବଛର୍ ମୌସୁମୀ ଜଲ୍‌ଦି କେରଳ ପୁହୁଁଚିଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଓଡ଼ିଶା ନ ପ୍ରାକ୍ ମୌସୁମୀ ପାଣିପାଗ୍ ସକ୍ରିୟ ରହିଥିବାର୍‌ନୁ ଇ ବଛର୍ ଠିକ୍ ସମିଆଥି ମୌସୁମୀ ଆସ୍‌ବା ବଲି ଅନୁମାନ୍ କରାଯାଉଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ ।